ପରମାର୍ଥୀ~~~~~ P.O. Regn. No. CK(C)-51/2019-2021

ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ
ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ଓଁ ପରମାର୍ଥୀ ଓଁ

ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ
କଥାମୃତଂ ଶ୍ରବଣ ପୁଟେଷୁ ସଂମ୍ଭୃତମ୍ ।
ପୁନନ୍ତି ତେ ବିଷୟ ବିଦୁଷିତାଶୟଂ
ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।
(ଶ୍ରୀମଦ୍ ଭାଗବତମ୍ ୨।୨।୩୭)

କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ
ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ॥
ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।
ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ॥
(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)

୭୪ ବର୍ଷ ଗୌରାବ୍ଦ ୫୩୪ ଫାଲଗୁନ ପୂର୍ଣ୍ଣିମା- ମାର୍ଚ୍ଚ -୨୦୨୦ ସଂଖ୍ୟା ୧

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ୧ - ଶ୍ରୀ ଶ୍ରୀଲ ଗୁରୁମହାରାଜଙ୍କ ହରିକଥା | | ୩ |
| ୨ - ଗୁରୁପାଦପଦ୍ମ ଶ୍ରଦ୍ଧାଞ୍ଜଳୀ ପାଠ ଶ୍ରୀ ଶ୍ରୀ ଗୋସ୍ୱାମୀପାଙ୍କର ୭୩ ତମ ଜନ୍ମବାର୍ଷିକ | ଶ୍ରୀ ପ୍ରବୋଧାନନ୍ଦ ଦାସାଧିକାରୀ | ୬ |
| ୩ - ସାଧକର ବ୍ରହ୍ମାସ୍ତ୍ର | ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର | ୭ |
| ୪ - ଶ୍ରୀ ଗୌରାବିର୍ଭାବ ଓ ଶ୍ରୀଗୌରଙ୍କ ଭଗବତ୍ତା | ଶ୍ରୀ ଜାହ୍ନବୀ ଜୀବନ ଦାସ | ୯ |
| ୫- ନୈତିକ ବଳ | ସଦାଶିବ ପଣ୍ଡା | ୧୩ |
| ୬- ଓଡ଼ିଶାରେ ଶ୍ରୀଚୈତନ୍ୟ ଆରାଧନା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧୫ |
| ୭- ସାଧନଭକ୍ତି | ଶ୍ରୀଲ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୮ |




# ଶ୍ରୀ ଶ୍ରୀଲ ଗୁରୁମହାରାଜଙ୍କ ହରିକଥା

**ବିଷୟ - ସଦ୍‌ଗୁରୁଙ୍କ ଲକ୍ଷଣ ନିର୍ଣ୍ଣୟ**

ସ୍ଥାନ- ଶ୍ରୀ ଗୌଡ଼ୀୟ ମଠ, ବାଗବଜାର, କୋଲକତା-୩,

(ଇଂ.୭/୯/୫୯)

ପ୍ରଥମେ ଶ୍ରୀ ଗୁରୁପଦାଶ୍ରୟ ପରେ, ଭଜନ କ୍ରିୟା । ଶ୍ରୋତ୍ରିୟ, ବ୍ରହ୍ମନିଷ୍ଠ, ପରତତ୍ତ୍ୱେ ଶ୍ରଦ୍ଧାପରାୟଣ - ଏ ରୂପ ମହାଜନଙ୍କ ଆଶ୍ରୟ ନେବାକୁ ହେବ । ମହାଜନଙ୍କ ଲକ୍ଷଣ କୃପାଳୁ, ସେବାପରାୟଣ, ନିଜେ ସେବା କରନ୍ତି; ଅନ୍ୟକୁ ସେବା ଦିଅନ୍ତି । ସେ ଶବ୍ଦ ବ୍ରହ୍ମେ ନିଷ୍ଣାତ । ଅସେବା ପରାୟଣ ବ୍ୟକ୍ତି ଗୁରୁ ହୋଇପାରେନା । ଯେ ସର୍ବସଂଶୟ ନିରସନ କରିପାରନ୍ତି; ସେ ସେବା ପରାୟଣ ଓ ଭଗବତ ଆରାଧନା ରେ ନିଯୁକ୍ତ, ସେହି ଗୁରୁ ହବାର ଉପଯୁକ୍ତ ।

**"ଯୁକ୍ତସ୍ୟ ଭକ୍ତାଂଶ୍ଚ ନିଯୁଞ୍ଜତୋଽପି"** (ଗୁର୍ବଷ୍ଟକ)

ଗୁରୁଙ୍କର ଲକ୍ଷଣ ବିଚାରରେ ପ୍ରଧାନ କଥାହେଲା, ଭଗବାନ ସେବା ପରାୟଣ କୃଷ୍ଣ ତତ୍ତ୍ୱବେତ୍ତା । କୃଷ୍ଣଙ୍କୁ ହୃଦୟରେ ଅନୁଭବ ବା ଉପଲବ୍ଧି କରିଛନ୍ତି । କୃଷ୍ଣଙ୍କ ଦର୍ଶନ ପାଇଛନ୍ତି ଏବଂ କୃଷ୍ଣ ପ୍ରେମ ଲାଭ କରିଛନ୍ତି । କୃଷ୍ଣ ପ୍ରତି ରତିମାନ୍ - ଏ ରୂପ ବ୍ୟକ୍ତିଗୁରୁ । ଏ ସ୍ୱଭାବତ କୃପାଳୁ ହୁଅନ୍ତି । ଅନ୍ୟକୁ ଉଦ୍ଧାର କରିବା ନିମିତ୍ତ "କୃଷ୍ଣ ରତି" ଦେବାର ନିମତ୍ତ ଇଚ୍ଛୁକ । କୃଷ୍ଣଙ୍କୁ ଯାଣିଛନ୍ତି, ଅନ୍ତରେ ଉପଲବ୍ଧ କରିଛନ୍ତି; ଅଥଚ ଅନ୍ୟକୁ କୃଷ୍ଣ ପ୍ରେମ ଦେବା ନିମିତ୍ତ ଇଚ୍ଛୁକ ନୁହନ୍ତି ସେ ମହାଭାଗବତ; କିନ୍ତୁ ଗୁରୁର କାଯ୍ୟକରନ୍ତି ନାହିଁ । ଅନ୍ୟପ୍ରତି କୃପାଳୁ ନୁହନ୍ତି । ଯେ ନିର୍ଜନରେ ଭଜନ କରେ, ସେ ମହାଜନ । କିନ୍ତୁ ଯେ ଗୁରୁ ହେବେ, ତାଙ୍କର ଦୟାଳୁତା, ଉଦାରତା, କ୍ଷମାଶୀଳତା ଥିବା ଉଚିତ । ଶ୍ରୀ ଗୌର ସୁନ୍ଦର କହିଛନ୍ତି - "ଆମାର ଆଜ୍ଞାୟ ଗୁରୁହୟାଁତାର' ଏଇ ଦେଶ ।" ଶ୍ରୀ ଚୈ.ଚ.ମ ୭ / ୧୨୮ । ସିଏ ଯାହାକୁ ଆଦେଶ ଦିଅନ୍ତି । ସେଇ ହିଁ ଗୁରୁ ହୋଇ ଜୀବ ଉଦ୍ଧାର କରିପାରନ୍ତି । କୃଷ୍ଣଙ୍କୁ ଉପଲବ୍ଧ କରିଛନ୍ତି, କୃଷ୍ଣଙ୍କୁ ପାଇଛନ୍ତି ତାଙ୍କର ସାକ୍ଷାତକାର ହୋଇଛି - ଏଭଳି ମହାଜନହିଁ -

"କୃଷ୍ଣ ସେ ତୋମାର କୃଷ୍ଣ ଦିତେପାର,

ତୋମାର ଶକତିଆଛେ ।" (ଶରଣାଗତି)

କୃଷ୍ଣଙ୍କୁ ପାଇଛନ୍ତି ଅନ୍ୟକୁ ଦିଅନ୍ତି - ଏହା ହିଁ ଗୁରୁଙ୍କର ପ୍ରଧାନ ଲକ୍ଷଣ । କୃଷ୍ଣ ବିଷୟରେ ଯାହାର ଶ୍ରଦ୍ଧାନାହିଁ, ସେ ତାକୁ ଶ୍ରଦ୍ଧା ଦେଇପାରନ୍ତି; ନିଷ୍ଠ, ରତି, ପ୍ରୀତି ଦେଇପାରନ୍ତି । ସେ କୃଷ୍ଣ ତତ୍ତ୍ୱବେତ୍ତା, କୃଷ୍ଣଜନ । କୃଷ୍ଣଙ୍କୁ ଦେବାର ତାଙ୍କର ସାମର୍ଥ୍ୟ ଅଛି । ଗୁରୁ ହେବାକୁ ହେଲେ ବର୍ଣ୍ଣର କୌଣସି କଥାନାହିଁ ।

"କବା ବିପ୍ର, କିବାନ୍ୟାସୀ, ଶୁଦ୍ର କେନେନୟ ।

ଯେଇ କୃଷ୍ଣ ତତ୍ତ୍ୱବେତ୍ତା, ସେଇ 'ଗୁରୁ' ହୟ ।" (ଶ୍ରୀ. ଚୈ.ଚ.ମ.୮/୧୨୮)

କୃଷ୍ଣଙ୍କୁ ଯାଣନ୍ତି, ଅନ୍ୟକୁ ଦେଇପାରନ୍ତି; ଏ ଶକ୍ତି ଯାହାର ଅଛି ସେଗୁରୁ । ବର୍ଣ୍ଣ, ଆଶ୍ରମ ଏ ରୂପ କୌଣସି କଥାନାହିଁ । ଗୁରୁ ହେବାକୁ ହେଲେ ବ୍ରାହ୍ମଣ ବା ଚଣ୍ଡାଳ ହେବାକୁ ହେବ ଏ ଭଳି କଥାନାହିଁ । ସନ୍ୟାସୀ ନ ହେଲେ ଗୁରୁ ହେବ ନାହିଁ - ଏମିତି କିଛି ନାହିଁ । କୃଷ୍ଣ ତତ୍ତ୍ୱବେ୍ତା ହେଲେ ଗୃହସ୍ଥାଶ୍ରମେ ରହିପାରେ । ବ୍ରହ୍ମଚାରୀ ଗୁରୁହୋଇ ପାରିବ ନାହିଁ - ଏଭଳି କଥା କୌଣସି ଶାସ୍ତ୍ର କହିନାହାନ୍ତି । ଯେ କୃଷ୍ଣତତ୍ତ୍ୱବେତ୍ତା, ସେଇହିଁ ଗୁରୁ, ସେଇ କୃଷ୍ଣଙ୍କୁ ପାଇଛନ୍ତି, ଅନ୍ୟକୁ କୃଷ୍ଣ ଦେଇ ପାରନ୍ତି । ଗୁରୁତ୍ୱ ଦେଖିବାର ଚକ୍ଷୁ ହେଲେ ସେ ବାଗ୍ମୀତା ବା ବର୍ଣ୍ଣ ଇତ୍ୟାଦି ଦେଖନ୍ତି ନାହିଁ । ଅନେକ ଗୁରୁଙ୍କର କୃଷ୍ଣତତ୍ତ୍ୱ-ବିଦତ୍ୱ ଲକ୍ଷକରେନା; ଗୁରୁଙ୍କର ପ୍ରଧାନ ଲକ୍ଷଣ ପ୍ରତି ଦୃଷ୍ଟିନାହିଁ ଅଥଚ, ଚମଡ଼ା ପରିବୃତ ଦେହ ଦେଖେ । ତାର ଯା ଦେଖିବାର ଶକ୍ତି ଅଛି, ତାଦେଇ ସେ ମାପିବାକୁ ଚାହେଁ । ମହାପ୍ରଭୁ ସ୍ୱୟଂ ଗୁରୁ ନିର୍ବାଚନେ ବର୍ଣ୍ଣ, ଆଶ୍ରମ ପ୍ରଭୃତିର ଦିଗକୁ ଲକ୍ଷ କରିବାକୁ ନିଷେଧ କରିଛନ୍ତି । ପ୍ରଦ୍ୟୁମ୍ନ ମିଶ୍ର ବ୍ରାହ୍ମଣ ଛଡ଼ା କୃଷ୍ଣ ତତ୍ତ୍ୱବେତ୍ତା କେହି ହୋଇ ପାରେନା - ଏରୂପ ଉକ୍ତିକରେ । ସେତେବେଳେ ଶ୍ରୀମନ୍‌ମହାପ୍ରଭୁ ତାଙ୍କୁ ଶ୍ରୀ ରାୟ ରାମାନନ୍ଦଙ୍କ

ନିକଟକୁ ପଠାଇଲେ । ଶ୍ରୀ ରାୟ ରାମାନନ୍ଦ ବ୍ରାହ୍ମଣ କୁଳରେ ଆବିର୍ଭୁତ ହୋଇ ନଥିଲେ । ଲୋକ ଶିକ୍ଷାନିମିତ୍ତ ସେ ଏଭାବେ -ଭୂତଳେ ଅବତୀର୍ଣ୍ଣ ହୋଇଥିଲେ । ଏହା ଶ୍ରୀମନ୍ ମହାପ୍ରଭୁଙ୍କର ଜଗତ ଗୁରୁଲୀଳା । ଶ୍ରୀ ରାୟ ରାମାନନ୍ଦଙ୍କ ଦ୍ୱାରା ତା ଦେଖାଇଲେ ।

"କିବା ବିପ୍ର, କିବା ସନ୍ୟାସୀ, ଶୁଦ୍ୟ କେନେ ନୟ"

(ଶ୍ରୀ.ଚୈ.ମ. ୧/୮/୧୨୮

ଏଇ ଶ୍ଳୋକର ପ୍ରକୃଷ୍ଟ ଉଦାହରଣ ଶ୍ରୀରାୟରାମାନନ୍ଦ । ଗୁରୁ ହେବାକୁ ହେଲେ କୃଷ୍ଣ ତତ୍ତ୍ୱବେତ୍ତା ହେବାକୁ ହେବ । ସେ କୃଷ୍ଣଙ୍କୁ ଜାଣନ୍ତି ଓ ଜଣାଇ ପାରନ୍ତି । ଉଚ୍ଚ ବର୍ଣ୍ଣ, ଆଶ୍ରମ, ବ୍ରହ୍ମଚାରୀ ଓ ସନ୍ୟାସୀର ଆବଶ୍ୟକ ହୁଏ ନାହିଁ । ଶ୍ରୀଲ ହରିଦାସ ଠାକୁର ଯବନ କୂଳେ ଆବିର୍ଭୂତ ହୋଇ ମଧ୍ୟ 'ସେ ନାମାଚାର୍ଯ୍ୟ' ।

ଶ୍ରୀଲ ଅଦ୍ୱୈତାଚାର୍ଯ୍ୟ ପ୍ରଭୁ, ଶ୍ରୀଲ ହରିଦାସ ଠାକୁରଙ୍କୁ ଶ୍ରଦ୍ଧାର ପାତ୍ର, ସମ୍ମାନର ପାତ୍ର ବୋଲି ବରଣ କରିଛନ୍ତି । ଶ୍ରୀ ଭଗବାନ ଗୌର ସୁନ୍ଦରଙ୍କର ଆଦେଶ ପଡ଼ିଲା ନିତ୍ୟାନନ୍ଦ ପ୍ରଭୁ ଓ ଶ୍ରୀଲ ହରିଦାସ ଠାକୁରଙ୍କ ଉପରେ - ଶ୍ରୀ ହରିନାମ ପ୍ରଚାର କରିବା ନିମିତ୍ତ ।

ଶ୍ରୀ ରାମଚନ୍ଦ୍ର କ୍ଷତ୍ରି କୁଳେ ଆବିର୍ଭୁତ ହୋଥିଲେ; ଶ୍ରୀକୃଷ୍ଣ 'ଗୋୟାଲ'ର ପୁଅ ହୋଇ ଭୂତଳେ ଅବତରଣ କଲେ । ବ୍ରାହ୍ମଣର ପୁଅ ଶ୍ରୀକୃଷ୍ଣଙ୍କୁ ଆରାଧନା କରିପାରେନା ? ଏସବୁ ବୋକାମୀ । ଭଗବାନ ଯେ କୌଣସି କୂଳେ ଆସିପାରନ୍ତି; ଭଗବାନ ବ୍ରାହ୍ମଣ କୁଳେ ଯେଉଳି ଆସିଛନ୍ତି, ସେହିଭଳି ପଶୁକୁଳେ ମଧ୍ୟ ଆସିଛନ୍ତି । ଉଦାହରଣ ସ୍ୱରୂପ - କୁହାଯାଏ ଭଗବାନ ଶ୍ରୀକୃଷ୍ଣ ନଦୀୟାରେ ବ୍ରାହ୍ମଣ କୁଳେ ନିମାଇଁ ରୂପେ ଅବତରଣ କରିଥିଲେ । ପୁନଶ୍ଚ ଭଗବାନ ଶ୍ରୀକୃଷ୍ଣ ନରସିଂହ ରୂପେ - ଆବିର୍ଭୁତ ହୋଇ ପ୍ରହ୍ଲାଦକୁ ଦର୍ଶନ ଦେଲେ । ସୁତରାଂ ଭଗବାନ ଯେପରି ଯେ କୌଣସି କୁଳରେ ଆବିର୍ଭୁତ ହୁଅନ୍ତି, ସେହି ଭଳି ଗୁରୁ ଯେ କୌଣସି କୁଳରେ ଆସିପାରନ୍ତି । ମାଂସ ଦର୍ଶନ ନ କରି ଗୁରୁତ୍ୱ ଦର୍ଶନ କରିବାକୁ ହେବ - ଏକଥା ବୁଝିବାକୁ ହେବ; ହୃଦୟଙ୍ଗମ କରିବାକୁ ହେବ ।

ଯାର ଜୀବନରେ ମଙ୍ଗଳଲାଭର ସମୟ ଉପସ୍ଥିତ ହୋଇଛି, ତାକୁହିଁ ମହାଜନ ଦର୍ଶନ ଦିଅନ୍ତି । ସେ ହିଁ ଯଥାର୍ଥ ଗୁରୁଙ୍କର ଦର୍ଶନ ପାଏ । ଗୁରୁ ପ୍ରଦାଶ୍ରୟ କହିଲେ କ'ଣ ବୁଝାଏ ? ଗୁରୁ ନିକଟରୁ କୃଷ୍ଣଦାସ୍ୟାଦି ଶିକ୍ଷଣ, ଗୁରୁ ପରମ୍ପରା ପ୍ରାପ୍ତ ଶାସ୍ତ୍ର ବାଣୀ ଶ୍ରବଣ ଏବଂ ସେଇ ବାଣୀ ଅନୁସାରେ ଜୀବନ ଗଠନ ଇତ୍ୟାଦି । ଗୁରୁ ଆଶ୍ରୟ ନ କରି ମଧ୍ୟ ଲୋକ ପୂଜା କରନ୍ତି, ଭଗବାନଙ୍କ ଚରଣରେ ଫୁଲ ଜଳ ଦିଅନ୍ତି । ଏସବୁ କରିପାରେ, କିନ୍ତୁ ଶାସ୍ତ୍ର ଏହାକୁ ଅବିଧି ପୂର୍ବକ ବୋଲି ଅଭିହିତ କରିଛନ୍ତି । ଅବିଧି ପୂର୍ବକ ହେଲେ ଭଗବାନଙ୍କର ସନ୍ତୋଷ ଏତେଟା ହୁଏନା; ହରିତୋଷଣ ହୁଏନା । ଗୁରୁପଦାଶ୍ରୟ ବ୍ୟତୀତ ଅବିଧି ପୂର୍ବକ କଲେ ହରିତୋଷଣ ସୁଷ୍ଠୁ ହୁଏନା ।

=====

## ଗୁରୁପାଦପଦ୍ମ ଶ୍ରଦ୍ଧାଞ୍ଜଳୀ ପାଠ

## ଶ୍ରୀ ଶ୍ରୀ ଗୋସ୍ୱାମୀପାଙ୍କର ୭୩ ତମ ଜନ୍ମବାର୍ଷିକ ୨୦୨୦ କଟକ

ଶ୍ରୀ ପ୍ରବୋଧାନନ୍ଦ ଦାସାଧିକାରୀ

ଗୁରୁକୃପା ହିଁ କେବଳ ଭିକ୍ଷା ଏହି...
ଗୁରୁ ନିତ୍ୟାନନ୍ଦ ତତ୍ୱ ସର୍ବ ତତ୍ୱସାର
ଗୁରୁ ସର୍ବସ୍ୱ ମୋ ଅନ୍ୟ ନାହିଁ କେହି
ଗୁରୁ କୃପାହିଁ କେବଳ ଭିକ୍ଷା ଏହି...॥୧॥

ଭୋଳା ମହେଶ୍ୱର ବାବା ଗୁରୁମୋର
ଗୋସ୍ୱାମୀ ପାଦ ରୂପରେ ଏ ମର୍ତ୍ତ୍ୟର
ଶିଷ୍ୟବତ୍ସଳ ଅଟନ୍ତି ଦୟାବହି ॥୨॥
ଗୁରୁ କୃପାହିଁ କେବଳ ଭିକ୍ଷା ଏହି...॥୨॥

ଶିଷ୍ୟ ଅନ୍ତର ବାହାରେ ବାସକର
ଜନନୀ ଗର୍ଭରୁ ଗୁରୁ ତୁମେ ମୋର
ଡାକେ ଆଜି ମହାପାପୀ କରତ୍ରାହି
ଗୁରୁ କୃପାହିଁ କେବଳ ଭିକ୍ଷା ଏହି...॥୩॥

ହୃଦବ୍ୟଥା ବୁଝିପାର ଗୁରୁମୋର
ଶକ୍ତି ହୀନେ ଶକ୍ତିବାନ୍ ଦୟାକର
ତୁମ ବିନା ସଂସାରେ ମୋ ନାହିଁ କେହି
ଗୁରୁକୃପା ହିଁ କେବଳ ଭିକ୍ଷା ଏହି...॥୪॥

ମୋର ଗୁରୁ ସିନା ତୁମ୍ଭେ ଜଗଦ୍‌ଗୁରୁ
ଭକ୍ତି ସୁହୃଦହେ ପ୍ରେମ କଳ୍ପତରୁ
ଶିଷ୍ୟ ହୃଦେ ଅଛ କର୍ଣ୍ଣଧାର ହୋଇ
ଗୁରୁକୃପା ହିଁ କେବଳ ଭିକ୍ଷା ଏହି...॥୫॥

ଅକୀଞ୍ଚନ ନାଥ ତୁମ୍ଭେ ଜଗତର
ଏଣୁ ଜଗନ୍ନାଥ ନାମ ଗୁରୁଙ୍କର
ଜୀବର ଜୀବନ ତୁମ୍ଭେ ଭାବଗ୍ରାହୀ
ଗୁରୁ କୃପାହିଁ କେବଳ ଭିକ୍ଷା ଏହି...॥୬॥

ଗୁରୁଙ୍କର ଗୁରୁପରା ଔଡୁଲୋମୀ
ଶ୍ରୀ ଭକ୍ତି ସୁହୃଦ ସଦା ମୋରି ସ୍ୱାମୀ
ପ୍ରବୋଧାନନ୍ଦ ବସିଛି କୃପାଚାହିଁ
ଗୁରୁ କୃପାହିଁ କେବଳ ଭିକ୍ଷାଏହି...॥୭॥

# ସାଧକର ବ୍ରହ୍ମାସ୍ତ୍ର

**ଶ୍ରୀଳ ଗୁରୁଗୋସ୍ୱାମୀ ଠାକୁର**



ଶ୍ରୀ ଚୈତନ୍ୟ ମହାପ୍ରଭୁ କୌଣସି ଦିନ ଅସ୍ତ୍ରଧାରଣ ବା ଅସ୍ତ୍ର ପ୍ରୟୋଗର ପକ୍ଷପାତୀ ନ ଥିଲେ । ସେ ତାଙ୍କର ଜୀବନ କାଳରେ ଆଚଣ୍ଡାଳେ କେବଳ ପ୍ରେମ ବିତରଣ ଲୀଳା ହିଁ କରିଯାଇଛନ୍ତି । ଆମ୍ଭେମାନେ ଯାଣୁ ଜଗାଇ - ମାଧାଇ ଉଦ୍ଧାର ପ୍ରସଙ୍ଗରେ "ମାଡ଼ ଖେୟେ ପ୍ରେମ ଦେୟ ଏମନ ଦୟାଲ ତ' ନାଇଁରେ" - ଏଇ ପ୍ରବାଦ ମଧ୍ୟ ବିଶେଷ ଭାବରେ ପ୍ରଚଳିତ ଅଛି । ମହାନ ଏକ ପ୍ରେମର ଅବତାର ହୋଇ ମଧ୍ୟ ପ୍ରଚ୍ଛନ୍ନ ଭାବରେ ତାଙ୍କର ପରିଚୟ ଦେବାକୁ ଯାଇ - ଗ୍ରନ୍ଥରାଜ ଶ୍ରୀମଦ୍‌ଭାଗବତ କହିଛନ୍ତି -

କୃଷ୍ଣ ବର୍ଣ୍ଣଂ ତ୍ୱିଷାଂକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦମ୍ ।

ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟେର୍ଯଜନ୍ତି ହି ସୁମେଧସଃ ॥

(ଭା - ୧୧ / ୫ / ୧୩)

ଅର୍ଥାତ୍ ସେ ସଙ୍ଗରେ ଅସ୍ତ୍ରନେଇ ଆସିଛନ୍ତି । ସେଇ ଅସ୍ତ୍ର ହେଲା ହରି ସଂକୀର୍ତ୍ତନ ରୂପ ଅସ୍ତ୍ର, ଯାହା ଦ୍ୱାରା ସ୍ୱ-ପର ହୃଦୟର ଅସୁରନାଶ କରିବା ସମ୍ଭବ । ବାସ୍ତବପକ୍ଷେ ସେ କୃଷ୍ଣକୀର୍ତ୍ତନ ରୂପ ଅସ୍ତ୍ର ଦ୍ୱାରା ନିରସ୍ତ୍ରୀ କରଣ ସମସ୍ୟାର ଖୁବ୍ ସହଜରେ ସମାଧାନ କରିଛନ୍ତି । ଆଜିକାର ଦିନରେ ସେଇ ମସ୍ୟା ସବୁ ଦେଶରେ ସବୁ ସ୍ତରରେ ମଥାରେ ଚଢ଼ି ବସିଛି ଏବଂ ପୃଥିବୀର ବଡ଼ ବଡ଼ ଦିଗ୍‌ଗଜ ପଣ୍ଡିତ, ଅର୍ଥବିଦ୍, ରାଜଧର୍ମବିଦ୍ ବା ବୈଜ୍ଞାନିକ ଗଣ ମଧ୍ୟ ଏଇ ସମସ୍ୟା ସମାଧାନରେ ମୁଣ୍ଡର ଝାଳ ପାଦରେ ମାରୁଛନ୍ତି - ଏ ବିଷୟରେ କୌଣସି ସନ୍ଦେହ ନାହିଁ ।

ପୃଥିବୀ ସୃଷ୍ଟିର ଇତିହାସ ଆରମ୍ଭରୁ ଏଇ ବ୍ରହ୍ମାସ୍ତ୍ର ପ୍ରୟୋଗର କଥା ରହିଛି । ମହାଭାରତରେ ଶୁଣିବାକୁ ପାଉ ଅଶ୍ୱତ୍ଥାମା ନିଷ୍ପାଣ୍ଡବ କରିବା ନିମନ୍ତେ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କର ପତ୍ନୀ ଉତ୍ତରାଙ୍କ ଗର୍ଭକୁ ଲକ୍ଷ୍ୟ କରି ପଞ୍ଚୁପାଣ୍ଡବଙ୍କ ବଂଶର ଏକମାତ୍ର ଶିଶୁକୁ ହତ୍ୟା କରିବା ନିମନ୍ତେ ବ୍ରହ୍ମାସ୍ତ୍ର ଛାଡ଼ିଥିଲା । ବ୍ରହ୍ମାସ୍ତ୍ର କହିଲେ ବୁଝାଯାଏ, ଯେଉଁ ଅସ୍ତ୍ର ଅବ୍ୟର୍ଥ, ଯେଉଁ ଅସ୍ତ୍ର ନିକ୍ଷେପେ ମୃତ୍ୟୁ ଅବଶ୍ୟମ୍ଭାବି । ସ୍ୱୟଂ ଭଗବାନଙ୍କ କୃପାରୁ ଏଇ ଅସ୍ତ୍ର ନିଷ୍ଫଳ ହୋଇଥିଲା ଏବଂ ପାଣ୍ଡବ ବଂଶର ଏକମାତ୍ର ପୁତ୍ର ପରୀକ୍ଷିତ ରକ୍ଷିତ ହୋଇଥିଲେ ସତ୍ୟ କିନ୍ତୁ ବାସ୍ତବ ଅର୍ଥେ ବ୍ରହ୍ମାସ୍ତ୍ରର କୌଣସି ପ୍ରତିକାର ନାହିଁ । ଆଜି ମଧ୍ୟ ବ୍ରହ୍ମାସ୍ତ୍ର ଅପ୍ରତିରୋଧ ଏହା ଫଳରେ ଧ୍ୱଂସ ଅନିବାର୍ଯ୍ୟ ।

ଜଗତ୍‌ଗୁରୁ ଶ୍ରୀଳ ପ୍ରଭୁପାଦ କୁହନ୍ତି - "ମିଃ ଆଲଫ୍ରେଡ୍‌ନୋବେଲ ସାହେବ ଡିନାମାଇଡ୍ ଆବିଷ୍କାର କରି ଗୋଟିଏ ଦିଗରେ ଯେଉଳି - ଜଗତର ଅନେକ ଉପକାର କରିଛନ୍ତି, ଅନ୍ୟ ଦିଗରେ ପ୍ରାଣି ଜଗତର ଧ୍ୱଂସ ଯଜ୍ଞର ପୌରହିତ୍ୟ ମଧ୍ୟ କରିଛନ୍ତି । (ସଃ - ଜୟଶ୍ରୀ - ୨୩୦ ପୃଷ୍ଠା) ଅର୍ଥାତ୍ ସ୍ୱଳ୍ପ ଉପକାର ବଦଳରେ ଆଜି ବହୁଭାବରେ

ବହୁ ଲୋକର ସର୍ବନାଶ ସାଧିତ ହେଉଛି । ତେଣୁ ଜାଗତିକ ଅସ୍ତ୍ର ନିଷ୍ଫଳ । ଏହାର କୁଫଳ ଆଜି ଆମ୍ଭମାନଙ୍କ ଚକ୍ଷୁର ସାମ୍ନେ ।

ବର୍ତ୍ତମାନ ଅସ୍ତ୍ରର ପ୍ରୟୋଗ ବଢ଼ି ବଢ଼ି ଚାଲିଛି । ଚତୁର୍ଦ୍ଦିଗେ ହଣାକଟା, ମରାମରି ଯାହା ମାନବର ଜୀବନକୁ ଉଦ୍‌ବିଗ୍ନ ମୟ କରି ରଖିଛି । ଏହାର ମଧ୍ୟ କୌଣସି ପ୍ରତିକାର ନାହିଁ । ବ୍ରହ୍ମାସ୍ତ୍ରପରି ଆଜି ମନୁଷ୍ୟକୃତ ଅସ୍ତ୍ର ସମସ୍ତ ପ୍ରକାର ଭୟକୁ ଅବ୍ୟର୍ଥ କରି ଦେଇଛି । ଶାନ୍ତି ଦୂତଗଣ ପ୍ରତି ପଦରେ ବ୍ୟର୍ଥ ସାବ୍ୟସ୍ତ ହେଉଛନ୍ତି । ଦୟା, କ୍ଷମା ଓ ତ୍ୟାଗ ର ଶିକ୍ଷା ଯେମିତି ଅଭାବ ହୋଇ ଯାଇଛି । ଅସ୍ତ୍ରର ପ୍ରୟୋଗ ନିବାରଣ ଦୂରେ ଥାଉ ରକ୍ତ କ୍ଷୟୀ ହିଂସାର ତାଣ୍ଡବ ଆଜି ମଧ୍ୟ ବ୍ରହ୍ମାସ୍ତ୍ର ନ୍ୟାୟ କମ୍ ଭୀତିପ୍ରଦ ନୁହେଁ ।

ଶ୍ରୀ ଚୈତନ୍ୟ ଦେବଙ୍କ ସମ୍ପ୍ରଦାୟ ଭୁକ୍ତ ସମସ୍ତ ସାଧକ ଆଜି ମଧ୍ୟ ହରିସଂକୀର୍ତ୍ତନର ଶୁଦ୍ଧ ସେବା ଦ୍ୱାରା ହୃଦୟ ନିର୍ମଳ କରି ଆନୁଗତ୍ୟ ବଳରେ ଉବସମୁଦ୍ର ପାର ହୋଇ ଯାଉଛନ୍ତି । ଜଗତ୍‌ଗୁରୁ ଶ୍ରୀଳ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଦିଗ୍‌ବିଜୟୀ ଯୋଗ୍ୟତା ସମ୍ପନ୍ନ ବହୁ ଶିଷ୍ୟ ଥିଲେ ଅଥଚ ରୋଗଗ୍ରସ୍ଥ, ଦୁର୍ବଳ, ବୋକା ସାଦାସିଧା ବ୍ରହ୍ମଚାରୀ ବା ଗୃହୀ ଭକ୍ତ କେହି କେହି ସମସ୍ତଙ୍କୁ ଫାଙ୍କି ଦେଇ ଭବସମୁଦ୍ର ପାର ହୋଇଛନ୍ତି ବୋଲି ଶୁଣାଯାଏ ଏବଂ ସେ କେବଳ ଏକ ଆନୁଗତ୍ୟ ବଳରେ । ହରିକୀର୍ତ୍ତନ ଯଦି ଅସ୍ତ୍ର ହୁଏ ତା'ମଧ୍ୟ କାର୍ଯ୍ୟ କରେନା ଯଦି ଆନୁଗତ୍ୟର ବ୍ରହ୍ମାସ୍ତ୍ର ନ ଥାଏ, ଆନୁଗତ୍ୟ ନ ଥିଲେ ହରିକୀର୍ତ୍ତନ ହୁଏନା, ଫଳରେ ଅସ୍ତ୍ରର ଅମୋଘଫଳ ବ୍ୟର୍ଥ ହୁଏ ।

ସାଧକ ନିକଟରଟରେ ଏଇ ଏକ ବ୍ରହ୍ମାସ୍ତ୍ର ଅର୍ଥାତ୍ ନିଷ୍କପଟ ଆନୁଗତ୍ୟ ଥିଲେ ସେ ସହଜରେ ଜୟୀ ହୁଏ । ଆନୁଗତ୍ୟ ରୂପ ଅସ୍ତ୍ର ଦ୍ୱାରା ନିଜ ହୃଦୟର ବହୁ ଅସୁରକୁ ସବୁ ଦିନ ପାଇଁ ବିଦାକରି ହେବ ଏବଂ ପାରିପାର୍ଶ୍ୱିକ ବହୁ ବାଧା-ବିପତ୍ତିରୂପ ସୈନ୍ୟକୁ ବଧ କରି ସାଧକ ସହଜରେ ଭବ ପାରି ହୋଇଯିବା ପାଇଁ ସକ୍ଷମ ହେବ । କିନ୍ତୁ ସେଇ ବ୍ରହ୍ମାସ୍ତ୍ର ଆଜି ମଧ୍ୟ ଶିଥିଳ । ଏଇ କଳହମୟ କଳିଯୁଗରେ ସାଧକ ପକ୍ଷରେ ଭଗବତ୍ ପଥେ ସିଦ୍ଧିଲାଭ କରିବା କଠିନରୁ କଠିନତର କାର୍ଯ୍ୟ ରୂପେ ଦଣ୍ଡାୟମାନ । ଆଜି ଆନୁଗତ୍ୟ ଧାର ବ୍ରହ୍ମାସ୍ତ୍ର କଳିର ପ୍ରଭାବରେ ନିଷ୍ଫଳ ହୋଇ ଯାଉଛି । ତଥାପି ସାଧକର ଏକ ମାତ୍ର ସମ୍ବଳ ଏଇ ଅସ୍ତ୍ର । ଏହା ଦ୍ୱାରା ପୃଥିବୀ ଜୟ ଭବଜୟ ଓ ଭଗବାନଙ୍କୁ ଜୟ କରାଯାଇ ପାରିବ । ଏଇ ଆନୁଗତ୍ୟ ରୂପ ବ୍ରହ୍ମାସ୍ତ୍ର ଆମ ସମସ୍ତଙ୍କୁ ରକ୍ଷାକରନ୍ତୁ । ବିଶୁଦ୍ଧ - ନିଷ୍କପଟ ଆନୁଗତ୍ୟମୟ ଗୁରୁ ଧାରାରେ ଆମ୍ଭେମାନେ ସ୍ନାତ ହୋଇ ପାରୁ ଏଇ ଆମ୍ଭମାନଙ୍କର ଆଶା ଓ ଭରସା ।

---

**'ପରମାର୍ଥୀ' ଗ୍ରାହକ ଭକ୍ତବନ୍ଧୁଙ୍କୁ ନିବେଦନ ବାର୍ଷିକ ଭିକ୍ଷା ଯଥା ସମୟରେ ପଇଠ କରି ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତୁ । "ନିତାଇ ଗୌର ହରିବୋଲ" ।**

**- ମ୍ୟାନେଜର 'ପରମାର୍ଥୀ'**

# ଶ୍ରୀ ଗୌରାବିର୍ଭାବ ଓ ଶ୍ରୀଗୌରଙ୍କ ଭଗବତ୍ତା

**ଶ୍ରୀ ଜାହ୍ନବୀ ଜୀବନ ଦାସ**

ଆମ ଓଡ଼ିଶାରେ ବିଶେଷ କରି ଶ୍ରୀ ଜଗନ୍ନାଥଙ୍କୁ ଓ ଶ୍ରୀଚୈତନ୍ୟ ଦେବଙ୍କୁ ଲୋକେ ମହାପ୍ରଭୁ ବୋଲି ଜାଣନ୍ତି । ଉତ୍ତର ଭାରତରେ ଅବଶ୍ୟ ବଲ୍ଲଭାଚାର୍ଯ୍ୟଙ୍କୁ ମହାପ୍ରଭୁ କୁହାଯାଏ, ତାଙ୍କ ବୈଠକ ସ୍ଥଳୀରେ ଉଲ୍ଲେଖ ଅଛି । ମହାପ୍ରଭୁଙ୍କ ବୈଠକ ଶ୍ରୀ ଗୌରାନୁଗ ଭକ୍ତ ଗଣ ଶ୍ରୀ ଚୈତନ୍ୟଚନ୍ଦ୍ରଙ୍କୁ ହିଁ ମହାପ୍ରଭୁଭାବେ ଜାଣନ୍ତି । ୧୪୮୬ ଦୋଳପୂର୍ଣ୍ଣିମୀ ସଂଧାରେ ଶ୍ର ଶଚୀମାତା ଓ ଶ୍ରୀ ଜଗନ୍ନାଥ ମିଶ୍ରଙ୍କୁ ମାଧ୍ୟମ କରି ବର୍ଦ୍ଧମାନ ବଙ୍ଗଳାର ନବଦ୍ୱୀପ ମାୟାପୁରରେ ଶ୍ରୀ ଚୈତନ୍ୟ ଦେବ ପ୍ରକଟ ହୋଇଥିଲେ । ତାଙ୍କ ପୂର୍ବ ପୁରୁଷ ଓଡ଼ିଶା ଯାଜପୁର ରୁ ଶ୍ରୀହଟ୍ଟ ଏବଂ ଜଗନ୍ନାଥ ମିଶ୍ର ଶ୍ରୀହଟ୍ଟରୁ ସଂସ୍କୃତ ଅଧ୍ୟାପନ ପାଇଁ ନଦୀଆର ମାୟାପୁରକୁ ଯାଇଥିଲେ । ଆମ ଓଡ଼ିଶାର ବିଶିଷ୍ଟ ଲେଖକ ଶ୍ରୀ ଜଗବଂଧୁ ସିଂହ ତାଙ୍କ ରଚିତ 'ପ୍ରାଚୀନ ଉତ୍କଳ'ରେ ଶ୍ରୀ ଚୈତନ୍ୟଦେବ ଯେ ପ୍ରବାସୀ ଓଡ଼ିଆ ଥିଲେ ଏହା ଉଲ୍ଲେଖ କରିଛନ୍ତି । ଏଣୁ ଚୈତନ୍ୟ ଦେବଙ୍କର ଓଡ଼ିଶା ପ୍ରୀତି ପ୍ରବଳଥିବା ତାଙ୍କ ଜୀବନଚରିତରୁ ସ୍ପଷ୍ଟ ଜଣାପଡ଼େ ।

ମାତ୍ର ପ୍ରକୃତରେ ସେ ଥିଲେ ଅବତାରପୁରୁଷ । ବୈଷ୍ଣବମାନଙ୍କ ମତରେ ସ୍ୱୟଂ ବ୍ରଜେନ୍ଦ୍ରନନ୍ଦନ କୃଷ୍ଣ ହିଁ ଅବତାର ବିଶେଷରେ ଶ୍ରୀରାଧା ପ୍ରେମାସ୍ୱାଦନ ଓ କଳିଯୁଗ ଧର୍ମ ନାମ ସଂକୀର୍ତ୍ତନ ସ୍ୱୟଂ ଆଚରଣ କରି ଶିକ୍ଷା ଦେବା ନିମନ୍ତେ କଳିର ଯୁଗାବତାର ରୂପେ ଅବତୀର୍ଣ୍ଣ ହୋଇଥିଲେ । ସେ ୨୪ ବର୍ଷ ଗୃହୀଜନ ଶିକ୍ଷକ ଭାବେ ନଦୀଆରେ ଗୃହସ୍ଥ ଏବଂ ଅବଶିଷ୍ଟ ୨୪ ବର୍ଷ ନୀଳାଚଳ ପୁରୀରେ ନ୍ୟାସୀକୂଳନାୟକ (ସନ୍ୟାସୀ) ରୂପେ ଅବସ୍ଥାନ କରି ତାଙ୍କ ପାର୍ଷଦ । ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନତ୍ୟାନଂଦ ଶ୍ରୀ ଅଦ୍ୱୈତ ଗଦାଧର ଶ୍ରୀବାସାଦି ଗୌରଭକ୍ତ ବନ୍ଦ ତଥା ଜୟ ରୂପ ସନାତନ ଭଟ୍ଟ ରଘୁନାଥ - ଶ୍ରୀଜୀବ ଗୋପାଳ ଭଟ୍ଟ ଦାସ ରଘୁନାଥ ଏବଂ ଅନ୍ୟାନ୍ୟ ପାର୍ଷଦଙ୍କ ଦ୍ୱାରା ସମଗ୍ର ଜଗତରେ ଶ୍ରୀକୃଷ୍ଣ ନାମ ପ୍ରେମ ବିତରଣ କଲେ ଯାହା ପୂର୍ବରୁ କୌଣସି ଅବତାର ବା ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଦତ୍ତ ହୋଇନଥିଲା ।

ଶ୍ରୀ ମନ୍‌ଚୈତନ୍ୟ ମହାପ୍ରଭୁଙ୍କ ସମ୍ବନ୍ଧରେ ତାଙ୍କ ଭକ୍ତମାନେ ନିଶ୍ଚୟ ସେ ଯେ ଭଗବାନ୍ ଏହା ଲେଖିବେ, ଏଥିରେ ଆଶ୍ଚର୍ଯ୍ୟ ବା କଣ ମାତ୍ର ତାଙ୍କ ଆବିର୍ଭାବ ସମ୍ବନ୍ଧରେ ତାଙ୍କ ପାକଟ୍ୟ ପୂର୍ବରୁ ଏମିତି କିଛି ଦୃଷ୍ଟାନ୍ତ ଥିଲା କି ତାଙ୍କ ଭଗବତ୍ତାର ?

ବହୁ ବୈଷ୍ଣବ ପ୍ରାୟ ୮ / ୧୦ ଖଣ୍ଡ ଶାସ୍ତ୍ରରୁ ଶ୍ରୀଚୈତନ୍ୟ ଦେବଙ୍କ ପ୍ରାକଟ୍ୟ ଓ ଭଗବତ୍ତାର ପ୍ରମାଣ ଉଦ୍ଧାର କରିଛନ୍ତି । କିନ୍ତୁ ତନ୍ମଧ୍ୟରୁ ଅନେକ ଶାସ୍ତ୍ର ଏବେ ମିଳୁ ନାହିଁ । କୌଣସି ଗୌର ଭକ୍ତମାନେ ମଧ୍ୟ ଏସମସ୍ତ ଗ୍ରନ୍ଥ ସଂଗ୍ରହାର୍ଥେ ଚେଷ୍ଟିତ ନୁହଁନ୍ତି । କିନ୍ତୁ ଅନୁସଂଧାନରୁ ନିମ୍ନ ଶାସ୍ତ୍ର ପ୍ରମାଣ ଗୁଡ଼ିକ ମିଳୁଛି ।

(୧) ଅଥର୍ବବେଦ - ବିଶ୍ୱମ୍ଭର ବିଶ୍ୱେନ ମାଂ ପାହିସ୍ୱାହା

(୨) ଋକବେଦ - 'ସେ ମଂନଃ ଗୌରେନତୃଷିତପିବ'

(୩) ଅଥର୍ବୀୟ ପୁରୁଷବୋଧିନୀଶୃତି - 'ସପ୍ତମେଗୌରବର୍ଣ୍ଣୀ ବିଷ୍ଣୁ ଇତ୍ୟନେନ ସ୍ୱ ଶକ୍ତ୍ୟା ଚୈତନ୍ୟମେବ ପ୍ରାପ୍ତେ ।

(୪) ଭବିଷ୍ୟପୁରାଣ - 'ଅନର୍ପିତ ଚରୀଂ ଚିରାତ୍ - କରୁଣୟାବତୀର୍ଣ୍ଣଃକଲୌ'

(୫) ମହାଭାରତ ବିଷ୍ଣୁ ସହସ୍ରନାମ - 'ସୁବର୍ଣ୍ଣବର୍ଣ୍ଣ ହେମାଙ୍ଗୋ' ଏବଂ 'ସନ୍ୟାସକୃଛମୋ ଶାନ୍ତଃ'

(୬) ବୃହନ୍ନାରଦୀୟ ପୁରାଣର 'ଭଗବଦ୍‌ଭକ୍ତ ରୂପେଣ'

(୭) ଇଶାନ ସାଂହିତାର 'ଶିକ୍ଷାଗୁରୁଶଚୀ ସୂତ ପୂର୍ଣ୍ଣବହ୍ମ ନଶଂସୟ'

(୮) କୃଷ୍ଣ ଯାମଳତନ୍ତ୍ର - 'ଦୟାଳୁ କୀର୍ତ୍ତନ ଗ୍ରାହୀ ଭବିଷ୍ୟତି ଶଚୀସୂତ' ଓ ଭୁବଂ ପ୍ରାପ୍ତେତୁ ଗୋବିନ୍ଦ ଚେତନ୍ୟାଖ୍ୟାଭବିଷ୍ୟତି'

ଶ୍ୱେତାଶ୍ୱେତର, ମୁଣ୍ଡକ ଓ ଛାନ୍ଦୋଗ୍ୟ ଉପନିଷଦରେ ମଧ ଶ୍ରୀ ଗୌରାବତାର ସମ୍ବନ୍ଧେ ପରୋକ୍ଷ ଭାବେ ଉଲ୍ଲେଖ ଅଛି । ଶ୍ରୀମଦ୍ ଭାଗବତର ୧୧ / ୫ / ୩୨ 'କୃଷ୍ଣ ବର୍ଣ୍ଣେଂ ତ୍ୱିଷା କୃଷ୍ଣଂ', କୃତେଯଦ୍‌ଧ୍ୟାୟ ତୋ ବିଷ୍ଣୁ' ଏବଂ ୧୦ / ୫ / ୩୨ ଶୁକ୍ଳରକ୍ତସ୍ତଥାପୀତ' ଶ୍ଳୋକର ଶ୍ରୀଚୈତନ୍ୟଙ୍କୁ ହିଁ ଲକ୍ଷ କରାଯାଇଛି । ୧ ଠାରୁ ୮ ପର୍ଯ୍ୟନ୍ତ ଶାସ୍ତ୍ର ପ୍ରମାଣ ଗୁଡ଼ିକର ଶ୍ଳେକସୂଚୀ ମତ୍‌ରଚିତ 'ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ' ପୁସ୍ତକ (କଟକ - ବିଦ୍ୟାପୁରୀ - ପ୍ରକାଶିତ)ରେ ଦେଇଛି । ଶ୍ରୀମଦ୍ କୃଷ୍ଣ ଦାସ କବିରାଜ ଗୋସ୍ୱାମୀ ଶ୍ରୀଚୈତନ୍ୟଚରିତାମୃତରେ ବହୁ ଗ୍ରନ୍ଥରୁ ଶ୍ଳୋକମାନ ଉଦ୍ଧାର କରିଛନ୍ତି । ଭକ୍ତି ଜଗତରେ ଶ୍ରୀଚରିତାମୃତପରି ଗ୍ରନ୍ଥ ଦୁର୍ଲଭ ଯାହା ଶ୍ରୀମଦ୍‌ଭାଗବତର ଟୀକା ପରି ମାତ୍ର କବିରାଜ ଗୋସ୍ୱାମୀ ୨/୩ଟି ଶ୍ଳୋକ ବ୍ୟତୀତ ମହାପ୍ରଭୁଙ୍କ ଭଗବତ୍ତାର ଉପରୋକ୍ତ ଶ୍ଳୋକ ଗୁଡ଼ିକ ଉଦ୍ଧାର କରିନାହାନ୍ତି ।

ଏଠାରେ ଗୋଟିଏ ପ୍ରଶ୍ନ ଯେ କ'ଣ କଲେ ଶାସ୍ତ୍ର ପ୍ରମାଣ ବା ଶ୍ଳୋକ ଥିଲେ ମହାପ୍ରଭୁଙ୍କ ଭଗବତ୍ତା ସ୍ୱୀକାର କରାଯିବ ନତୁବା ହେବ ନାହିଁ । ଏ ସମ୍ବନ୍ଧରେ କୀର୍ତ୍ତନ ସମ୍ରାଟ ମହାତ୍ମା ଶ୍ରୀରାମଦାସ ବାବାଜୀ ମହାଶୟଙ୍କର ବାଣୀଟି ନିମ୍ନରେ ଉଲ୍ଲେଖ କରୁଛି । ସେ କହିଛନ୍ତି

"ଗୋଟା କେତେ ଶ୍ଳୋକ ଥିଲେ କ'ଣ ଗୌରାଙ୍ଗଙ୍କ ଭଗବତ୍ତାଙ୍କ ପ୍ରମାଣ ହେବ? ପ୍ରମାଣ ତାଙ୍କ ଆଚରିତ କାର୍ଯ୍ୟ ତାଙ୍କ କାର୍ଯ୍ୟ ଆଲୋଚନା କର, ଦେଖିବ, ସେ ଭଗବାନ୍ କି ନାହିଁ ?

ଏମିତି ଦେଖିଲେ ଶ୍ରୀଚୈତନ୍ୟଦେବ ତାଙ୍କ ପ୍ରକଟ କାଳରେ ଭକ୍ତମାନଙ୍କୁ ଭଗବାନଙ୍କର ବିଭିନ୍ନ ଅବତାରର ରୂପ ପ୍ରଦର୍ଶନ କରିଛନ୍ତି ତାର କେତୋଟି ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

(୧) ଶଚୀମାତାଙ୍କୁ ଶ୍ରୀକୃଷ୍ଣ ରୂପ ପ୍ରଦର୍ଶନ (ଚୈ ଭା.ମ - ୮)

(୨) ଶ୍ରୀଧରଙ୍କୁ ଶ୍ରୀକୃଷ୍ଣ ରୂପ ପ୍ରଦର୍ଶନ (ଚୈ.ଭା.ମ. - ୯)

(୩) ବନମାଳୀ ବିପ୍ରଙ୍କୁ ଶ୍ରୀକୃଷ୍ଣ ରୂପ ପ୍ରଦର୍ଶନ (ମୁରାରୀ ଗୁପ୍ତ କଡ଼ଚା ୨/୧୧/୩)

(୪) ଶ୍ରୀ ରାୟରାମାନନ୍ଦଙ୍କ ରାଧାକୃଷ୍ଣ ମିଳିତ ରୂପଦର୍ଶନ (ଚୈ.ଚ.ମ.୮)

(୫) ଶ୍ରୀ ଅଦ୍ୱୈତାଚାର୍ଯ୍ୟଙ୍କୁ ବିଶ୍ୱରୂପ ପ୍ରଦର୍ଶନ (ଚୈଭାମ୨୪)

(୬) ଶ୍ରୀ ମୁରାରୀଗୁପ୍ତଙ୍କୁ ଶ୍ରୀରାମରୂପ ପ୍ରଦର୍ଶନ ଓ ବରାହ ରୂପ ଦର୍ଶନ (ଚୈ.ଭା.ମ -୧୦)

(୭) ଜଗାଇଙ୍କୁ ଚତୁର୍ଭୁଜ ରୂପ (ଚୈଭ.ମ. ୧୩)

(୮) ତୈର୍ଥିକ ବିପ୍ରଙ୍କୁ ଚତୁର୍ଭୁଜରୂପ (ଚୈ.ଭା.ଆ - ୪)

(୯) ଶ୍ରୀବାସ ଗୃହରେ ବରାହ ରୂପ (ଚୈ.ଭ.ମ. -୨)

(୧୦) ବିଷ୍ଣୁ ମଣ୍ଡପରେ ବଳରାମ ରୂପ (ଚୈ.ଭ.ମ -୧୭)

(୧୧) ଶ୍ରୀବାସଗୃହରେ ଚତୁର୍ଭଜ ପ୍ରଦର୍ଶନ (ଚୈ.ଭା.ମ-୨୦)

(୧୨) ଶ୍ରୀମନ୍ ନିତ୍ୟାନନ୍ଦ ପ୍ରଭୁଙ୍କୁ ଷଡ଼ଭୁଜ (ଚୈ.ମ.ମ. -୨୦)

(୧୩) ସ୍ୱଗୃହରେ ଶିବରୂପ ପ୍ରକଟନ (ଚୈ.ଭା. ମ. ୮)

(୧୪)ଚନ୍ଦ୍ରଶେଖର ଆଚାର୍ଯ୍ୟ ଗୃହରେ - ରକ୍ମିଣୀ, ମହାଲକ୍ଷ୍ମୀ, ଦୁର୍ଗା (ଚୈ. ଭା ୧/୧୭/୨୩୪-୨୩୫)

(୧୫) ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କୁ ଷଡ଼ଭୁଜ

(୧୬) ଶ୍ରୀ ରାଧାରମଣ ବିଗ୍ରହ ରୂପେ ବୃନ୍ଦାବନରେ ପ୍ରକଟ (ଭକ୍ତି ରତ୍ନାକର ୪/୩୪୫)

(୧୭) କାଶୀ ମିଶ୍ରଙ୍କୁ (ପୁରୀ) ଚତୁର୍ଭୁଜ (ଚୈ ଚ ୬/୧୦/୩୩)

ଏସବୁ ବ୍ୟତୀତ ଅନ୍ୟ ଅନେକଙ୍କୁ ମଧ୍ୟ ଭଗବାନଙ୍କ ଅନ୍ୟ ଅବତାର ରୂପ ପ୍ରଦର୍ଶନ କରିଚନ୍ତି ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁ । ଏ ସମସ୍ତ କ'ଣ ମିଛ?

କିନ୍ତୁ ଏସବୁକୁ ଛାଡ଼ିଦେଲେ ଶ୍ରୀରାମଦାସ ବାବାଜୀ ମହାରାଜ କଥିତ ଯଦି ମହାପ୍ରଭୁଙ୍କ ମହାଭାବ ବିଭାବିତ କାର୍ଯ୍ୟାବଳୀ ଆମେ ସମଗ୍ର ଚୈତନ୍ୟ ଚରିତରୁ ଖୋଜିବା ତେବେ ତାଙ୍କଠାରେ ଏ ଯେଉଁ ଆଶ୍ଚର୍ଯ୍ୟ ଅବସ୍ଥା ପରିଦୃଷ୍ଟ ହୋଇଥିଲା ଏସବୁ କ'ଣ କୌଣସି ଉଚ୍ଚତର ମାନବ ଠାରେ ସମ୍ଭବ ହୋଇଛି କି ?

ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ - ଜଳଯନ୍ତ୍ର ଧାରାଯେନ ବହେ ଅଶ୍ରୁଜଳ
ଆଶ ପାଶ ଲୋକସବ ଭିଜିଲ ସକଳ ।। (ଚୈ. ଚ. ୨/୧୩/୧୦୦)

ପ୍ରଭୁ ପଡ଼ିଆଛେ ଦୀର୍ଘ - ହାତ ପାଞ୍ଚଛୟ ।
ଅଚେତନ ଦେହ - ନାସାୟ ଶ୍ୱାସ ନାହିଁ ବୟ ।
ଏକେକ ହସ୍ତପଦ - ଦୀର୍ଘ ତିନି ତିନି ହାତ ।
ଅସ୍ଥି ଗ୍ରନ୍ଥି ଭିନ୍ନ ଚର୍ମଆଛେ ମାତ୍ର ତାତ ।
ହସ୍ତପଦ ଗ୍ରୀବା କଟି ଅସ୍ଥି ସଂଧି ଯତ ।
ଏକକ ବିତସ୍ତି ଭିନ୍ନ ହଇଆଛେ ତତ ।
ଚର୍ମ ମାତ୍ର ଉପରେ ସଂଧିର ଆଛେ ଦୀର୍ଘ ହୟା
ଦୁଃଖିତ ହଇଲା ସବେ ପ୍ରଭୁକେ ଦେଖିଆ (ଚୈ.ଚ. ୩/୧୪ - ୬୦ ରୁ ୬୩)
ମୁଖେ ଲାଲା ଫେନ ପ୍ରଭୁର ଉତ୍ତାନ ନୟନ
ଦେଖିତେଇ ସବଭକ୍ତେର ଦେହେ ଛାଡ଼େ ପ୍ରାଣ । (ଚୈ. ଚ. ୩/୧୪/୬୪)

ପ୍ରତି ରୋମ କୂପେ ମାଂସ ବ୍ରଣେର ଆକାର,
ତାର ଉପରେ ରୋମୋଦ୍‌ଗମ କଦମ୍ଭ ପ୍ରକାର
ପ୍ରତିରୋମେ ପ୍ରସ୍ୱେଦ ପଡ଼େ ରୁଧିରେର ଧାର ।
କଣ୍ଠ ଘର୍ଘର ନାହିଁ ବର୍ଣ୍ଣର ଉଚ୍ଚାର ।।
ଦ୍ୱି ନେତ୍ର ଭରି ଅଶ୍ରୁ ବହୟେ ଅପାର
ସମୁଦ୍ରେ ମିଲିଲ ଯେନ ଗଙ୍ଗା ଯମୁନା ଧାର ।।
ବୈବର୍ଣ୍ଣେ ଶଂଖ ପ୍ରାୟ ଶ୍ୱେତ ହୈଲ ଅଙ୍ଗ
ତବେ କମ୍ପ ଉଠେଯେନ ସମୁଦ୍ର ତରଙ୍ଗ ।। (ଚୈ. ଚ. ୩/୧୪/୮୬-୮୯)
ଗମ୍ଭୀରାର ଦ୍ୱାରେ ଗୋବିନ୍ଦ କରିଲା ଶୟନ
ସବ୍‌ରାତ୍ରି ପ୍ରଭୁ କରେ ଉଚ୍ଚ ସଂକୀର୍ତ୍ତନ ।
ଆଚମ୍ବିତେ ଶୁନେ ପ୍ରଭୁ କୃଷ୍ଣ ବେଣୁ ଗାନ ।
ଭାବାବେଶେ ପ୍ରଭୁ ତାହାକରିଲା ପୟାନ ।
ତିନି ଦ୍ୱାରେ କପାଟ ଡୈଛେ ଆଛେତ ଲାଗିୟା
ଭାବାବେଶେ ପ୍ରଭୁ ଗେଲ ବାହରି ହଇୟା । (ଚୈ.ଚ. ୩/୧୭/୮-୧୦)
ଇତି ଉତି ଅନ୍ୱେଷିୟା ସିଂହ ଦ୍ୱାରେ ଗେଲା
ଗାଭୀଗଣ ମଧ୍ୟେ ଯାଇ ପ୍ରଭୁରେ ପାଇଲା ।
ପେଟେର ଭିତର ହସ୍ତ ପଦ କୁର୍ମେର ଆକାର
ମୁଖେ ଫେନ, ପୁଲକାଙ୍ଗ, ନେତ୍ରେ ଅଶ୍ରୁଧାରା
ଅଚେତନ ପଡ଼ିଆଛେ ଯେନ କୁଷ୍ମାଣ୍ଡ ଫଳ
ବାହିରେ ଜଡ଼ିମା, ଅନ୍ତରେ ଆନନ୍ଦ ବିହ୍ୱଳ
ଗାଭୀ ସବ୍ ଚତୁର୍ଦ୍ଦିଗେ ଶୁଂଘେ ପ୍ରଭୁର ଅଙ୍ଗ
ଦୂର କୈଲେ ନାହିଁ ଛାଡ଼େ ମହାପ୍ରଭୁର ସଙ୍ଗ ।।(ଚୈ.ଚ.୩/୧୭/୧୪-୧୭)

ଶ୍ରୀଚୈତନ୍ୟ ମହାପ୍ରଭୁ ଏଇ ଯେଉଁ କୁର୍ମାକାରେ ହସ୍ତପଦାଦି ସଂକୁଚିତ ଅବସ୍ଥାରେ ଗାଭୀଗଣଙ୍କ ମଧ୍ୟରେ ସିଂହଦ୍ୱାର ସାମନାରେ ପଡ଼ିଥିଲେ ମହାଭାବରେ ବିଭାବିତ ହୋଇ ସେଇ ମହାଭାବ ବିଗ୍ରହ ଶ୍ରୀ ଗୌରଜଗନ୍ନାଥଙ୍କ କଥା ଏହିପରି ଉକ୍ତ ଅଛି -

ପୃଷ୍ଟେ ଭ୍ରାମ୍ୟଦମନ୍ଦିର ଗିରି ଗ୍ରାବାଗ୍ର କଣ୍ଡୁୟନା
ନ୍ନିଦ୍ରାଳୈାକମଠାକୃତେ ଭଗବତଃ ଶ୍ୱାସାନିଳାଃ ପାନ୍ତୁବଃ
ଯତ୍ସଂକାର କଳାନୁବର୍ତ୍ତନ ବଶାଦ୍ ବେଳା ନିଭେନା ୟସାଂ
ଯାତାୟାତ ମତନ୍ଦ୍ରିତଂ ଜଳନିଧେର୍ନାଦ୍ୟାପିବିଶ୍ରାମ୍ୟତି ।।

====

# ନୈତିକ ବଳ

ସଦାଶିବ ପଣ୍ଡା

ଶରୀର ଭିତରେ ରହିଅଛି ହୋଇ
ତିନିଗୋଟି ବଳ ଠୁଳ
ଏକ ଶାରୀରିକ ଅନ୍ୟ ମାନସିକ
ଶେଷଟି ନୈତିକ ବଳ ॥୧॥

ଶାରୀରିକ ବଳ ଖାଦ୍ୟରୁ ଆସିଣ
ଦେହକୁ ଦିଅଇ ଶକ୍ତି
ନଇତିକ ବଳ ଈଶ୍ୱର ପ୍ରଦତ୍ତ
ସୃଷ୍ଟି କରିଥାଏ ଭକ୍ତି ॥୨॥

ମାନସିକ ବଳ ମନ ଟାଣ କରି
ମନକୁ କରେ ସବଳ
ଏହା ଦ୍ୱାରା ଲୋକ ଶକ୍ତି ନଥିଲେ ବି
ପାଏ ସେ କର୍ମର ଫଳ ॥୩॥

ଇନ୍ଦ୍ରିୟ ଜନିତ ଯେତେ କର୍ମ ଅଛି
ଶାରୀରିକ ଶକ୍ତି ଲୋଡ଼ା
କିନ୍ତୁ ମନ ଦୃଢ଼ ହେଲେ ଲୋକ ମଧ
କରିପାରେ କାମ ଦେଢ଼ା ॥୪॥

ନୈତିକ ବଳଟି ଲୋକକୁ କରଇ
ପୁରାପୁରି ଶକ୍ତିମାନ
ବିପଦ ଥିଲେ ବି ଭକ୍ତି କରିପାରେ
ପ୍ରଭୁଙ୍କର ଗୁଣଗାନ ॥୫॥

ଅସୁର ସଭାରେ ହନୁମାନ ରହି
କାହାକୁ ନକରି ଡର
କହିଲେ ରାବଣ ହୋଇବୁ ନିଧନ
ଆସୁଛନ୍ତି ରଘୁବୀର ॥୬॥

ଲଙ୍କା ଦାହ କଲେ କାହାକୁ ନ ଡରି
ଭାଙ୍ଗିଲେ ଅଶୋକ ବନ
ରାମଙ୍କ ସଙ୍କେତ ସୀତାଙ୍କୁ ଦେଇଣ
ରଖିଲେ ପ୍ରଭୁଙ୍କ ମାନ ॥୭॥

ମା'ସତୀ ସୀତା ଜନକ ଦୁହିତା
ଥିଲେ ବି ଅସୁରୀ ମେଳେ
ରାବଣକୁ କଡ଼ା ଜବାବ ଦିଅନ୍ତି
ଡରି ନ ଯାଇଣ ତିଳେ ॥୮॥

ବାଳିର ତନୟ ଅଙ୍ଗଦ ଚିଟାଉ
ନେଇ ଯାଇଥିଲା ଲଙ୍କା
ରାବଣକୁ କଡ଼ା ଜବାବ ଦେଇଣ
ମୁହଁ ତା କରିଲା ବଙ୍କା ॥୯॥

ଭକ୍ତ ବିଭୀଷଣ ଲଙ୍କାରେ ରହିଣ
କରୁଥିଲା ରାମ ପୂଜା
ବିପଦ ଶଙ୍କୁଳ ସ୍ଥାନରେ ଥାଇବି
ଭକ୍ତି ଥିଲା ତାର ତାଜା ॥୧୦॥

ସୀତାଙ୍କୁ ରାବଣ   କରିଲା ହରଣ
ଏହା ଜାଣି ବିଭୀଷଣ
ଦେଲା ଉପଦେଶ  ଶୁଣ ଅସୁରେଶ
ରାମ ବାଣ ବଡ଼ ଟାଣ ॥୧୧॥

ଅନୈତିକ କାର୍ଯ୍ୟ  କାହିଁକି କରୁଛ
ସୀତା ଲକ୍ଷ୍ମୀ ଠାକୁରାଣୀ
ନିଜ ମରଣକୁ    ବରଣ କରୁଛ
ଏହା କି ପାରୁନ ଜାଣି ॥୧୨॥

ଦଶରଥ ସୁତ     ସ୍ୱୟଂ ଭଗବାନ
ତାଙ୍କର ବନିତା ସୀତା
ତାଙ୍କୁ ଜୟ କେହି  କରି ପାରିବେନି
ହେଲେ ବି ଜଗତ ଜିତା ॥୧୩॥

ରାବଣ କ୍ରୋଧିତ   ଖାଇ ତାର ନାତ
ତଥାପି ବି ବିଭୀଷଣ
ରାମଙ୍କର ଗୁଣ    ଗାନ କରୁଥାନ୍ତି
ପାଶେ ଥିଲେ ବି ମରଣ ॥୧୪॥

ନଇତିକ ବଳ    ସବୁଠାରୁ ଶ୍ରେଷ୍ଠ
ଲୋକକୁ ଦିଅଇ ଶକ୍ତି
ନିଜ ଜୀବନକୁ   ବାକି ଲଗାଇଣ
ଲୋକର ନଥାଏ ଭୀତି ॥ ୧୫॥

* * *

---

## ପ୍ରଚାର ପ୍ରସଙ୍ଗ

ତା.୨୬.୦୨.୨୦୨୦ ରିଖ ବୁଧବାର ଠାରୁ ତା.୧୦.୩.୨୦୨୦ରିଖ ମଙ୍ଗଳ ପର୍ଯ୍ୟନ୍ତ ଗୌଡ଼ୀୟ ମିଶନର ଶାଖା ମଠ ଶ୍ରୀ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୌଡ଼ୀୟ ମଠ, ସ୍ୱରୂପଗଞ୍ଜ ନଦୀୟାରେ ଶ୍ରୀଗୌର ଜୟନ୍ତୀ ଉପଲକ୍ଷେ ଶ୍ରୀ ଗୌର କଥାମୃତ ଓ ଗୌର ମହିମା ତଥା ନବଦ୍ୱୀପ ଧାମ ପରିକ୍ରମା ଭକ୍ତ୍ୟଙ୍ଗ ଯାଜନରେ ମହାସମାରୋହରେ ପାଳିତ ହୋଇ ଯାଇଛି । ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପାଞ୍ଚହଜାରରୁ ଉର୍ଦ୍ଧ୍ୱ ଭକ୍ତ ୮ ଦିନ ଯାବତ୍ ଗୋଦ୍ରୁମଧାମସ୍ଥ 'ମଠ'ରେ ଅବସ୍ଥାନ ପୂର୍ବକ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ପାରମାର୍ଥିକ ଶ୍ରବଣ, କୀର୍ତ୍ତନ, ଗ୍ରନ୍ଥ ପାଠ ଓ ଆଲୋଚନାରେ ଭାଗ ନେଇ ପରମ ଆନନ୍ଦ ଲାଭ କରିଥିଲେ । ଶେଷଦିନ ତା. ୧୦.୩.୨୦ରିଖ ମଙ୍ଗଳବାର ମହାମହୋତ୍ସବ କରାଯାଇ ଉତ୍ସବ ସମାପନ କରାଯାଇଥିଲା । ୭ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବିବରଣ କରାଯାଇଥିଲା ।

ଭାରତବର୍ଷ ଓ ବିଦେଶରେ ଥିବା ସମସ୍ତ ଗୌଡ଼ୀୟ ମିଶନର ଶାଖା ମଠ ମାନଙ୍କରେ ଶ୍ରୀ ଗୌର ଜୟନ୍ତୀ ମହୋତ୍ସବ ମହାସମାରୋହରେ ପାଳନ କରାଯାଇଅଛି । "କରୋନା" ରୋଗ ଭୟରେ ହୋଲିଦିନ ରଂଗ ଖେଳାଯାଇନଥିଲା । ଫୁଲ ଓ ଫୁଲପାଣିରେ ଭକ୍ତମାନେ ରଂଗ ହୋଲି ପାଳନ କରିଥିଲେ ।

× × ×

ଏବର୍ଷ ଶ୍ରୀ ଗୌରପୂର୍ଣ୍ଣିମୀ ଦିନ ଗୌଡ଼ୀୟ ମିଶନର ଆଚାର୍ଯ୍ୟ ଓଁ ବିଷ୍ଣୁପାଦ ପରମହଂସ ୧୦୮ ଶ୍ରୀ ଶ୍ରୀମଦ୍ ଭକ୍ତିସୁନ୍ଦର ସନ୍ନ୍ୟାସୀ ମହାରାଜ ମିଶନର ଦୁଇ ଜଣ ବ୍ରହ୍ମଚାରୀଙ୍କୁ ତ୍ରିଦଣ୍ଡୀ ସନ୍ନ୍ୟାସୀ ରୂପେ ମିଶନର ସେବା ଭାର ଅର୍ପଣ କରିଛନ୍ତି - ସେ  ଦୁଇ ଜଣ ହେଲେ ଶ୍ରୀଧରଣୀଧର ଦାସ ବ୍ରହ୍ମଚାରୀ - ସନ୍ନ୍ୟାସୀ ନାମ ଶ୍ରୀ ଭକ୍ତି ଭାସ୍କର ଭାରତୀ ମହାରାଜ ଓ ଶ୍ରୀ ସୁଦାମ ଚରଣ ଦାସ ବ୍ରହ୍ମଚାରୀ - ସନ୍ନ୍ୟାସୀ ନାମ ଶ୍ରୀଭକ୍ତି ମଧୁପ ମାଧବ ମହାରାଜ ।

# ଓଡ଼ିଶାରେ ଶ୍ରୀଚୈତନ୍ୟ ଆରାଧନା

(ପୂର୍ବ ପ୍ରକାଶନ ଉତ୍ତାରୁ...)

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

### ଶ୍ରୀଚୈତନ୍ୟଙ୍କ ଉତ୍କଳ ଆଗମନ ଓ ନାମ ସଂକୀର୍ତ୍ତନ

କାଟୁଆରେ କେଶବ ଭାରତୀଙ୍କଠାରୁ ସନ୍ୟାସ ଗ୍ରହଣ କରି ସେ ମାତା ଶଚୀଦେବୀଙ୍କ ବାକ୍ୟାନୁସାରେ ଉତ୍କଳର ନୀଳାଚଳଧାମକୁ ୧୫୧୦ ଖ୍ରୀଷ୍ଟାବ୍ଦରେ ଆସି ୧୮ ବର୍ଷ ପୁରୀ 'ଗମ୍ଭୀରା' ବର୍ତ୍ତମନାର ରାଧାକାନ୍ତ ମଠରେ ରହି ତନ୍ମଧ୍ୟରୁ ୫୯ ବର୍ଷ ଭାରତଭ୍ରମମଣ କରି ବହୁ ବୁଦ୍ଧିଜୀବୀଙ୍କୁ ଉଦ୍ଧାର ପୂର୍ବକ ପ୍ରେମ ପ୍ରଦାନ କରିଥିଲେ । ତାଙ୍କ ନବଦ୍ୱୀପ ଲୀଳାରେ ସେ ବିଭିନ୍ନ ଭକ୍ତଙ୍କୁ ଭଗବାନଙ୍କର ବହୁ ଅବତାର ପ୍ରଦର୍ଶନ କରିଥିଲେ ମାତ୍ର ଓଡ଼ିଶାରେ ସେ ଶ୍ରୀ ବାସୁଦେବ ସାର୍ବଭୌମଙ୍କୁ ଦେଖାଇଥିବା ଷଡ଼ଭୁଜ ଗୌରାଙ୍ଗ ବିଗ୍ରହ ପୁରୀ ଶ୍ରୀମନ୍ଦିର ଦକ୍ଷିଣପଟ ବେଢ଼ା ଏବଂ ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରେ ପୂଜା ପାଉଛନ୍ତି । ଶ୍ରୀଜଗନ୍ନାଥ ଦର୍ଶନ ବେଳେ ଗରୁଡ଼ଙ୍କ ପଛରେ, ଅଲାରନାଥରେ, ଚଉଦ୍ୱାରଚଷାପଡ଼ା ଘାଟ ଆଦି ଅନେକ ସ୍ଥାନରେ ତାଙ୍କ ପ୍ରେମ ବିଗଳିତ ପଦ ଚିହ୍ନ ଓ ସର୍ବାଙ୍ଗ ଚହ୍ନାଦି ଅଛି ଏବଂ ସେସବୁକୁ ଭକ୍ତ ମାନେ ନିତ୍ୟ ତୁଳସୀ ଚନ୍ଦନ ଦ୍ୱାରା ଅର୍ଚ୍ଚନ କରୁଛନ୍ତି । ସେଥିପାଇଁ ବୈଷ୍ଣବ ପଦାବଳୀରେ ଅଛି "ପଶୁପକ୍ଷୀ ଝୁରେ - ପାଷାଣ ବିଦରେ ଶୁଣିଯାର ଗୁଣ ଗାଥା । ଏଥିପାଇଁ ତାଙ୍କୁ ଲୋକେ ପ୍ରେମ ପୁରୁଷୋତ୍ତମ ବୋଲି କହନ୍ତି ।

ତାଙ୍କର ଓଡ଼ିଶା ପ୍ରତି ମମତା ରହିବାର ମୁଖ୍ୟ କାରଣ ଓଡ଼ିଶା ଦେବତାର ଦେଶ । ବୈଷ୍ଣବ ଦେଶ । ଉତ୍କଳ ଖଣ୍ଡରେ ଅଛି ଏଠାର ସମସ୍ତ ଅଧିବାସୀ ବୈଷ୍ଣବ ଯେହେତୁ ମହାବିଷ୍ଣୁ ଶୀଜଗନ୍ନାଥଙ୍କ ସେବକ ଏବଂ ଅନ୍ୟ କାରଣ ହେଲା ତାଙ୍କ ପୂର୍ବପୁରୁଷ ଥିଲେ ଓଡ଼ିଶାର ଯାଜପୁରର ଏଣୁ ତାଙ୍କ ମାତା ଶଚୀଦେବୀ ତାଙ୍କୁ କହିଥିଲେ ଯେ ନବଦ୍ୱୀପ-ନୀଳାଚଳ ଯେନ ଦୁଇ ଘର - ନବଦ୍ୱୀପ ଓ ପୁରୀ ଆମର ଦୁଇଟି ଘର ଯେହେତୁ ଶ୍ରୀଚୈତନ୍ୟ ଦେବ ଓ ତାଙ୍କ କେତେକ ପରିକରଙ୍କ ଘରଥିଲା ଓଡ଼ିଶାରେ । ଯଦିଓ କୌଣସି ଅବତାର ବା ମହାପୁରୁଷଙ୍କୁ ଦେଶକାଳ ଗଣ୍ଡିରେ ଆବଦ୍ଧ ରଖିବା ଅପରାଧ, କାରଣସେମାନଙ୍କ ବାଣୀ ସାରାବିଶ୍ୱର ମଙ୍ଗଳ ପାଇଁ ଉଦ୍ଦିଷ୍ଟ, ତଥାପି ଇତିହାସ ଦୃଷ୍ଟିରୁ ସେ ଓ ତାଙ୍କର କେତେକ ପରିକର ଥିଲେ ଓଡ଼ିଆ । ଏଣୁ ଓଡ଼ିଶା ପ୍ରତି ତାଙ୍କର ଆକର୍ଷଣ ରହିବା ସ୍ୱାଭାବିକ । ଅନ୍ୟତମ ଆକର୍ଷଣ ହେଲା ସେ ଥିଲେ ଶ୍ରୀରାଧାକୃଷ୍ଣଙ୍କ ମିଳିତତନୁ ଏବଂ ଶ୍ରୀଜଗନ୍ନାଥ ମଧ ଶ୍ରୀରାଧାଙ୍କ ମିଳିତ ବିଗ୍ରହ । ନିଜେ ନିଜର ଭକ୍ତ ହୋଇ ନିଜକୁ କିପରି ଭକ୍ତି କରିବାକୁ ହୁଏ ସେ ତାହା ନିଜେ ଆଚରଣ କରି ଶିକ୍ଷା ଦେଇ ଯାଇଛନ୍ତି । ଭକ୍ତିର ଶୀର୍ଷ କଥା ତାଙ୍କ ପରି ଆଉ କେହି ଆଚାର ପ୍ରଚାର କରି ଦେଖାଇନାହାନ୍ତି ଯିଏ କୃଷ୍ଣ ସେହି ଗୌର ଓ ସେ ହିଁ ଶ୍ରୀଜଗନ୍ନାଥ । ଏହା ବଂଗୀୟ ବୈଷ୍ଣବବାସୁ ଘୋଷ ଏବଂ ଉତ୍କଳର ପରମବୈଷ୍ଣବ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ପଦାବଳୀରେ ଉଲ୍ଲେଖ ଅଛି । ଓଡ଼ଗାଁର ଶୀରଘୁନାଥ, ପୁରୀ ଟୋଟା ଗୋପୀନାଥ ଏବଂ ଚନ୍ଦନ ଯାତ୍ରା ବେଳେ ମଦନ ମୋହନ ଶ୍ରୀଚୈତନ୍ୟ ବେଶ ହୁଅନ୍ତି । ଓଡ଼ିଶାର ବହୁ ମେଳଣକୁ ଶ୍ରୀ ଚୈତନ୍ୟଦେବଙ୍କ ବିଗ୍ରହ ଦୋଳଯାତ୍ରା ସମୟରେ ବିମାନରେ ଦୋଳ ପଡ଼ିଆକୁ ଯାଆନ୍ତି । ଭାରତ ବର୍ଷ ନୁହେଁ, ଏବେ ସରା ବିଶ୍ୱରେ ଶ୍ରୀ ଚୈତନ୍ୟ ବିଗ୍ରହ ବିଷ୍ଣୁ ବିଗ୍ରହ ଭାବେ ପୂଜା ପାଇଲେଣି ତଥାପି ଓଡ଼ିଶାରେ ବହୁ ପୂର୍ବରୁ ଅନେକ ଶ୍ରୀ ଚୈତନ୍ୟ ମନ୍ଦିର

ଅଛି ଓ ସହସ୍ରାଧିକମଠରେ ଶ୍ରୀଚୈତନ୍ୟଙ୍କ ବିଗ୍ରହ ପୂଜିତ ହେଉଛନ୍ତି । ଅଷ୍ଟପ୍ରହର ନାମ ଯଜ୍ଞରେ ଶ୍ରୀକୃଷ୍ଣ ଚୈତନ୍ୟ (କୃଷ୍ଣ) ପ୍ରଭୁ ନିତ୍ୟାନନ୍ଦ (ବଳରାମ) ଶ୍ରୀ ଅଦ୍ୱୈତ (ମହାବିଷ୍ଣୁ) ଗଦାଧର (ଶ୍ରୀରାଧାଶକ୍ତି), ଶ୍ରୀବାସ ପଣ୍ଡିତ (ନାରଦ ଅବତାର) ଏହି ପଞ୍ଚତତ୍ତ୍ୱଙ୍କ ଆରାଧନା କରାଯାଇ ଓଡ଼ିଶାରେ ନିମ୍ନୋକ୍ତ ଭଗବନ୍ନାମ ଅଷ୍ଟପ୍ରହରୀରେ ଗାନ କରାଯାଏ ।

(୧) ଶ୍ରୀ ଚୈତନ୍ୟଙ୍କ ମୁଖୋଦ୍‌ଗୀର୍ଣ୍ଣ ମହାମଂତ୍ର ଯାହା କଳି ସନ୍ତରଣ ଉପନିଷଦରେ ଅଛି

ହରେକୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ

ହରେ ରାମ ହରେ ରାମ ରାମ ରାମ ହରେ ହରେ ।

(୨) ପଞ୍ଚତତ୍ତ୍ୱ ନାମ - ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ ଶ୍ରୀ ଅଦ୍ୱୈତ ଗଦାଧର ଶ୍ରୀବାସାଦି ଗୌରଭକ୍ତବୃନ୍ଦ ।

(୩) ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ

ହରେ କୃଷ୍ଣ ହରେ ରାମ ଶ୍ରୀରାଧେ ଗୋବିନ୍ଦ (ବକ୍ରେଶ୍ୱର ପରିବାରଶ୍ରୀରାଧାକାନ୍ତ ମଠରେ ପ୍ରଚାରନାମ)

(୪) (ଭଜ) ନିତାଇ ଗୌର ରାଧେ ଶ୍ୟାମ

(ଜପ) ହରେକୃଷ୍ଣ ହରେ ରାମ । (ଶ୍ରୀରାଧାରମଣ ଦେବଙ୍କ ଦ୍ୱରା ପ୍ରବର୍ତ୍ତିତ ନାମ)

ଏସବୁ କୀର୍ତ୍ତନରେ ଶ୍ରୀଗୌର ନିତ୍ୟାନନ୍ଦ ଓ ରାଧାକୃଷ୍ଣଙ୍କ ନାମ ଅଛି । ଶ୍ରୀନାମ କୀର୍ତ୍ତନରେ ସର୍ବସିଦ୍ଧି ହୁଏ । ମହାମଂତ୍ର କଳିଯୁଗର ତାରକ ବ୍ରହ୍ମ ନାମ । ଏହାଠାରୁ ସହଜ ଓ ବଡ଼ ସାଧନ ଆଉ କିଛି ନାହିଁ ମାତ୍ର ଦଶାପରାଧ ତ୍ୟାଗ କରି ଶ୍ରୀନାମ କୀତର୍ତନ କରିବାକୁ ହେବ କିନ୍ତୁ ଗୌର ନାମରେ ଅପରାଧର ବିଚାର ନାହିଁ ।

ଓଡ଼ିଶାରେ ଏପରି ଗ୍ରାମ ନାହିଁ ଯେଉଁଠାରେ ଶ୍ରୀଜଗନ୍ନାଥଙ୍କ ଭାଗବତ (ଗାଦୀ) ଓ ନାମ ସଂକୀର୍ତ୍ତନର ମୁଖ୍ୟ ଅଙ୍ଗ ଖୋଳ, କରତାଳ, ଝାଞ୍ଜ ଇତ୍ୟାଦିଥାଇ ସଂକୀର୍ତ୍ତନ ଦଳ ନାହାଁନ୍ତି । ନାଚିବା ଗାଇବା ମାଧ୍ୟମରେ ଭଗବତ୍‌ପ୍ରେମ ଏହା କଷ୍ଟସାଧ୍ୟ ନୁହେଁ, ସହଜ ଏବଂ ସର୍ବଶ୍ରେଷ୍ଠ ସାଧନ । ଏଣୁ ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁ କହିଛନ୍ତି - ନାଚ ଗାଅ ଭକ୍ତ ସଂଗେ କର ସଂକୀର୍ତ୍ତନ

ଅଚିରାତେ ପାବେତବେ କୃଷ୍ଣ ପ୍ରେମଧନ ।

ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି 'କଳିଯୁଗଯୋଗନ ଯଜ୍ଞନ ଜ୍ଞାନା । ଏକ ଆଧାର ରାମ ଗୁର ଗାନା । ସମସ୍ତ ଶାସ୍ତ୍ରର ସାର ହେଲା ଶ୍ରୀନାମସଂକୀର୍ତ୍ତନ । ଶ୍ରୀମଦ୍ ଭାଗବତରେ ତ ବହୁ ଜାଗାରେ ନାମ ସଂକୀର୍ତ୍ତନ ଯେ କଳିରେ ସାର ତାହା କୁହାଯାଇଛି ମାତ୍ର ଭାଗବତ ଶେଷ ଶ୍ଳୋକରେ ମଧ୍ୟ ବ୍ୟାସଦେବ ସ୍ୱଷ୍ଟ କରିଦେଇଛନ୍ତି ଯେ

ନାମ ସଂକୀର୍ତ୍ତନ ଯସ୍ୟ ସର୍ବ ପାପ ପ୍ରଣାଶନମ୍
ପ୍ରଣମୋ ଦୁଃଖ ଶମନ ସ୍ତଂ ନମାହି ହରିଂ ପରମ୍ । (ଭା. ୧୨/୧୩/୨୩)

ଓଡ଼ିଶାର ପୁରପଲ୍ଲୀରେ ପାରମର୍ଥୀଙ୍କ ଉତ୍ସବାଦିରେ ଖୋଳ କରତାଳ ସହ ନାମ ସଂକୀର୍ତ୍ତନ ହିଁ ଅନୁଷ୍ଠିତ ହୁଏ । କୌଣସି ବ୍ୟକ୍ତିଙ୍କ ବିୟୋଗର ତ୍ରୟୋଦଶ ବା ଚତୁର୍ଦ୍ଦଶ ଦିନରେ ନାମ ସଂକୀର୍ତ୍ତନ ହୋଇଥାଏ । ମେଳଣରେ ମଧ୍ୟ ନାମ ସଂକୀର୍ତ୍ତନ ହୁଏ । ଶ୍ରୀଚୈତନ୍ୟଦେବଙ୍କ ପ୍ରଚାରିତ ଧର୍ମର ନାମ ହେଲା ଭାଗବତ ଧର୍ମ । ଏଣୁ ଶ୍ରୀମଦ୍ ଭାଗବତ ଶେଷ ଶ୍ଳୋକର ସିଦ୍ଧାନ୍ତାନୁସାରେ ଶ୍ରୀଚୈତନ୍ୟଦେବ ଆଦେଶ ଦେଇଥିଲେ ଏହିପରି ଏହା ମଧ୍ୟ ତାଙ୍କର ଶିକ୍ଷା -

କଳିକାଳେ ନାମ ରୂପେ କୃଷ୍ଣ ଅବତାର     ନାମ ହୈତେ ହୟ ସର୍ବଜଗତ ନିସ୍ତାର ।<br>
ନାମ ବିନା କଳିକାଳେ ନାହିଁଆର ଧର୍ମ     ସର୍ବ ମନ୍ତ୍ର ସାର ନାମ ଏଇଶାସ୍ତ୍ର ମର୍ମ ।

× × ×

ଭଜନେର ମଧ୍ୟେ ଶ୍ରେଷ୍ଠ ନବବିଧାଭକ୍ତି     କୃଷ୍ଣ ପ୍ରେମ କୃଷ୍ଣ ଦିତେ ଧରେମହାଶକ୍ତି ।<br>
ତାର ମଧ୍ୟେ ସର୍ବଶ୍ରେଷ୍ଠ ନାମ ସଂକୀର୍ତ୍ତନ ।     ନିରପରାଧେ ନାମ ଲୈଲେ ପ୍ରାୟପ୍ରେମ ଧନ ।

ଏଇ ନାମସଂକୀର୍ତ୍ତନଦ୍ୱାରା ସେ ବୌଦ୍ଧ, ଜୈନାଦି, ଦିନାସ୍ତିକ, ନିର୍ବିଶେଷବାଦୀ, ପତିତ-ପାମର ସମସ୍ତଙ୍କୁ ଉଦ୍ଧାର କରିଛନ୍ତି । ତାଙ୍କ ଅନୁଗ ବ୍ରଜର ଷଡ଼ଗୋସ୍ୱାମୀ ଓ ପରବର୍ତ୍ତୀ ଗୋସ୍ୱାମୀଗଣ ଲକ୍ଷାଧିକ ଗ୍ରନ୍ଥ ପ୍ରଣୟନ କରି ତାଙ୍କର ବିମଳ ଶିକ୍ଷା ଯେ କ'ଣ ତାହା ଜଣାଇ ଦେଇଛନ୍ତି ।

**ଶ୍ରୀଚୈତନ୍ୟଦେବଙ୍କ ଶିକ୍ଷା ଓ ଦର୍ଶନ :**

ଶ୍ରୀ ଚୈତନ୍ୟଦେବଙ୍କ ଶ୍ରୀମଖ ନିଃସୃତ ଆଠଗୋଟି ଶୀର୍ଷ କଥା ଉପଦେଶ ଦେଇଛନ୍ତି ଏବଂ ତାଙ୍କର ଶିକ୍ଷା ମୁଖ୍ୟତଃ ୧୦ଟି ଯାହା ଦଶମୂଳ ନାମରେ ପ୍ରସିଦ୍ଧ ତାହାକୁ ଆମ ଓଡ଼ିଶା କେନ୍ଦ୍ରାପଡ଼ାର ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମସ୍ଥାନ ଆବିଷ୍କାର କରିଥିବା ଗୌର ନିଜଜନ ଶ୍ରୀ ଭକ୍ତି ବିନୋଦ ଠାକୁର ତାଙ୍କ ଗୌରାଙ୍ଗ ସ୍ମରଣ ମଙ୍ଗଳ ସ୍ତୋତ୍ର ଏବଂ ତାଙ୍କ ଇଂରାଜୀ Life precepts of Sri Chaitanya Mahaprabhu ପୁସ୍ତକରେ ଏହିପରି କହିଛନ୍ତି

(୧) ଅମ୍ନାୟଃ ପ୍ରାପ୍ତ ବେଦବାକ୍ୟ ହିଁ ଭଗବଦ୍ ତତ୍ତ୍ୱ ଜାଣିବାର ଏକମାତ୍ର ପଥ (୨) ଶ୍ରୀକୃଷ୍ଣ (ହରି) ହିଁ ପରମ ତତ୍ତ୍ୱ (୩) ଶ୍ରୀକୃଷ୍ଣ ହିଁ ସର୍ବଶକ୍ତିମାନ (୪) ସେ (କୃଷ୍ଣ) ଅଖିଳ ରସ ସାଗର (୫) ଜୀବମାନେ ତାଙ୍କର ବିଭିନ୍ନାଂଶ (୬) କେତେକ ଜୀବ ପ୍ରକୃତି (ମାୟା) ଦ୍ୱାରା କବଳିତ (୭) କେତେକ ଜୀବ ମୁକ୍ତ (୮) ସମସ୍ତ ଜୀବ ଶ୍ରୀହରିଙ୍କର ଭେଦାଭେଦ ପ୍ରକାଶ (୯) ଶୁଦ୍ଧ ଭକ୍ତି ହିଁ ଏମାତ୍ର ସାଧନ (ଅଭିଧେୟ) (୧୦) ଶ୍ରୀକୃଷ୍ଣ ପ୍ରେମହିଁ ଏକମାତ୍ର ପ୍ରୟୋଜନ (ସାଧ୍ୟ) ଏହି୧୦ଟି ସିଦ୍ଧାନ୍ତ ଭଗବତ ଗୀତା ଓ ଶ୍ରୀମଦ୍ ଭଗବତରେ ମଧ୍ୟ ଅଛି । ଶ୍ରୀ ଚୈତନ୍ୟ ଦେବଙ୍କ ଦର୍ଶନର ନାମ (ଅଚିନ୍ତ୍ୟ ଭେଦାଭେଦବାଦ' ଯାହାଶଙ୍କରଙ୍କ ବହୁ ପୂର୍ବରୁ ଥିଲା ଏବଂ ଏହା ବେଦାନ୍ତ ଦର୍ଶନର ନିରପେକ୍ଷ ମତ ଡକ୍ଟର ଏସ୍.ଏନ୍. ଦାସଗୁପ୍ତା ତାଙ୍କ History of Indian Philosophy ପୁସ୍ତକରେ ଲେଖିଛନ୍ତି । The Bhedaveda interpretation of Brahmasutra is in all the probability earlier than the monistic interpretation introduced by Sankar. The Bhagabad Geeta which is regarded as the essence of Upanisads, the other puran's and the Pancharatra are more orless on the line of BhedaBheda." ×××

# ସାଧନଭକ୍ତି

**ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

**ଶ୍ରୀବିନ୍ଦୁ-ବିକାଶିନୀ-ବୃତ୍ତି –**

ସାଧନଭକ୍ତି ବୈଧୀ ଓ ରାଗାନୁଗ ଭେଦରେ ଦୁଇ ପ୍ରକାର ଅଟେ । ଅନ୍ୟାଭିଳାଷିତାଶୂନ୍ୟାଦି ଶ୍ଳୋକରେ ସାମାନ୍ୟ ରୂପେ ଯେଉଁ ଉତ୍ତମାଭକ୍ତିର ଲକ୍ଷଣ କୁହାଯାଇଛି, ତାହା ବଦ୍ଧଜୀବଙ୍କ ଇନ୍ଦ୍ରିୟଦ୍ୱାରା ସାଧିତ ହେଲେ, ତାହାକୁ ସାଧନଭକ୍ତି କହନ୍ତି । "ଶ୍ରୀଭକ୍ତିରସାମୃତସିନ୍ଧୁ' ଗ୍ରନ୍ଥରେ କୁହାଯାଇଛି -

**କୃତିସାଧ୍ୟା ଭବେତ୍ ସାଧ୍ୟଭାବା ସା ସାଧନାଭିଧା ।**
**ନିତ୍ୟସିଦ୍ଧସ୍ୟ ଭାବସ୍ୟ ପ୍ରାକଟ୍ୟଂ ହୃଦି ସ୍ଥାତା ।**

ଅର୍ଥାତ୍ ସାଧ୍ୟ ଭାବଭକ୍ତି (କୃତି) ଇନ୍ଦ୍ରିୟମାନଙ୍କ ଦ୍ୱାରା ସାଧିତ ହେଲେ ତାହାକୁ ସାଧନଭକ୍ତି କୁହାଯାଏ । ଭକ୍ତି ହିଁ ଜୀବର ନିତ୍ୟସିଦ୍ଧ ଭାବ ଅଟେ ।ତାହାକୁ ନିର୍ମଳ ହୃଦୟରେ ପ୍ରକଟ କରିବାକୁ ହିଁ ସାଧ୍ୟତା କୁହାଯାଏ । ଏହାର ତାତ୍ପର୍ଯ୍ୟ ହେଉଛି ଚିତ୍‌କଣ-ସ୍ୱରୂପ ଜୀବଠାରେ ସ୍ୱଭାବତଃ ଚିତ୍-ସୂର୍ଯ୍ୟରୂପୀ କୃଷ୍ଣଙ୍କର ଯେଉଁ ଆନନ୍ଦକଣା ଅଛି, ମାୟା ଦ୍ୱାରା ଆବଦ୍ଧ ହେଲା ପରେ ତାହା ଲୁପ୍ତପ୍ରାୟ ହୋଇଯାଏ । ସେହି ନିତ୍ୟ ସ୍ୱଭାବକୁ ହୃଦୟରେ ପ୍ରକାଶ କରାଇବା ହିଁ ଜୀବର ଏକମାତ୍ର କର୍ତ୍ତବ୍ୟ । ଏହି ଅବସ୍ଥାରେ ହିଁ ନିତ୍ୟସିଦ୍ଧ ବସ୍ତୁର ସାଧ୍ୟ ଅବସ୍ଥା ସିଦ୍ଧ ହୁଏ । ଏହି ସାଧ୍ୟଭାବରୂପ ଭକ୍ତି ବଦ୍ଧଜୀବମାନଙ୍କ ଇନ୍ଦ୍ରିୟଦ୍ୱାରା ସାଧିତ ହେବା ପର୍ଯ୍ୟନ୍ତ ତାକୁ ସାଧନଭକ୍ତି କୁହାଯାଏ ।

ଭଗବାନଙ୍କ ବା ଭକ୍ତଙ୍କ କୃପାରୁ ହିଁ ଶ୍ରବଣକୀର୍ତ୍ତନାଦି ଭକ୍ତି ସ୍ୱୟଂ ଜୀବର ବିଶୁଦ୍ଧ ଇନ୍ଦ୍ରିୟରେ ଆବିର୍ଭୂତ ହୁଏ । ତାହା ପୂର୍ବରୁ ଶ୍ରଦ୍ଧାଳୁଜୀବ ନିଜ ଚେଷ୍ଟାରୁ ଜିହ୍ୱା ଦ୍ୱାରା ଯେଉଁ ଭଗବାନ୍ନାମ କୀର୍ତ୍ତନ କରିଥାଏ ଅଥବା କାନ ଦ୍ୱାରା ଭଗବତ୍ କଥା ଶୁଣିଥାଏ; ସେହି ଚେଷ୍ଟାକୁ ଇନ୍ଦ୍ରିୟବ୍ୟାପାର ବା ଇନ୍ଦ୍ରିୟପ୍ରେରଣା କହନ୍ତି; କିନ୍ତୁ ଏହାକୁ ମଧ୍ୟ ସାଧନଭକ୍ତି ରୂପେ ଗ୍ରହଣ କରାଯାଇଛି । ଯେପରି - ଯଜ୍ଞ ପାଇଁ ଘିଅ-ସମିଧ-କୁଶ -ପୁଷ୍ପ - ଆସନାଦି ଦ୍ରବ୍ୟକୁ ଏକତ୍ରିତ କରିବା ଆଦି ପୂର୍ବାନୁଷ୍ଠିତ କ୍ରିୟାମାନ ମଧ୍ୟ ଯଜ୍ଞର ଅନ୍ତର୍ଭୁକ୍ତ ବୋଲି ଗଣାଯାଏ, ସେହିଭଳି ଶ୍ରବଣକୀର୍ତ୍ତନାଦି ସାଧନଭକ୍ତିର ଅନୁଷ୍ଠାନ ପାଇଁ ତାହାର ପୂର୍ବାନୁଷ୍ଠିତ ଇନ୍ଦ୍ରିୟବ୍ୟାପାରକୁ ମଧ୍ୟ ଭକ୍ତିର ଅନ୍ତର୍ଗତ ଗଣାଯାଇଛି । ଭକ୍ତି ଠାରୁ ଭିନ୍ନ କର୍ମ, ଜ୍ଞାନ, ଯୋଗ, ତପସ୍ୟା, ବ୍ରତ ଆଦି ଅନ୍ୟ କୌଣସି ସାଧନରୁ ଭକ୍ତିର ଆବିର୍ଭାବ ହୁଏ ନାହିଁ । ଭକ୍ତି ହିଁ ଭକ୍ତିର ଆବିର୍ଭାବର ଏକମାତ୍ର ହେତୁ । ଏହି ସିଦ୍ଧାନ୍ତ ପୂର୍ଣ୍ଣତଃ ସଙ୍ଗତ ଅଟେ ।

====